# ୧୦ହଜାର ସ୍କୁଲରେ ମଧ୍ୟାହ୍ନଭୋଜନ ନାହିଁ

## ସିଓ୍ୱାଇଏସ୍‌ଡିର ପ୍ରାକ୍‌-ବଜେଟ୍‌ ସର୍ବେକ୍ଷଣ

## ■ ୨୫ଶହ ରୋଗୀଙ୍କ ଲାଗି ଗୋଟିଏ ଶଯ୍ୟା

**ଭୁବନେଶ୍ୱର,ତା୧୦।୨(ପିଏନ୍‌ଏସ):** ଯାବତୀୟ ଯୋଜନା, କାର୍ଯ୍ୟକ୍ରମ ସତ୍ତ୍ୱେ ରାଜ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ର ଦୟନୀୟ ସ୍ଥିତିରେ ରହିଛି । ଯଥେଷ୍ଟ ହସ୍ପିଟାଲ ନାହିଁ କି ଡାକ୍ତର, ନର୍ସ ନାହାନ୍ତି । ସେହିପରି ସ୍କୁଲ, ଶିକ୍ଷକ ଓ ଅଙ୍ଗନଓ୍ୱାଡ଼ି କର୍ମୀଙ୍କର ଅଭାବ ଲାଗିରହିଛି । ସିଓ୍ୱାଇଏସ୍‌ଡି କରିଥିବା ଏକ ପ୍ରାକ୍‌-ବଜେଟ୍‌ ସର୍ବେକ୍ଷଣ ଅନୁଯାୟୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡିଶାରେ ଡାକ୍ତର-ଜନତା ଅନୁପାତ ୧:୯୬୯୯ ରହିଛି । ଅର୍ଥାତ୍‌ ୯୬୯୯ ଜଣ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ମାତ୍ର ଜଣେ ଡାକ୍ତର ଅଛନ୍ତି । ଯେତେବେଳେ କି ଜାତୀୟ ସ୍ତରରେ ୧୮୦୦ ଲୋକଙ୍କ ପାଇଁ ଜଣେ ଲେଖାଏଁ ଡାକ୍ତର ଅଛନ୍ତି ।

ସେହିଭଳି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଶଯ୍ୟା ଓ ରୋଗୀ ଅନୁପାତ ୧:୧୦୦୦ ଧାର୍ଯ୍ୟ କରିଥିବା ବେଳେ ଓଡ଼ିଶାରେ ତାହା ୧:୨୫୦୦ ରହିଛି । ଏବେ ସରକାରୀ ହସ୍ପିଟାଲଗୁଡ଼ିକରେ ୪ହଜାର ଶଯ୍ୟା ଆବଶ୍ୟକ ହେଉଥିବାବେଳେ ୨୦୧୦-୧୧ ଆର୍ଥିକ ବର୍ଷରୁ ଏ ବାବଦରେ ବ୍ୟୟ ବରାଦ ୨କୋଟି ଟଙ୍କାରୁ କମ୍‌ ରହିଛି । ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଅନ୍ୟ ମୌଳିକ ମାନବ ବିକାଶ ସୂଚକଗୁଡ଼ିକରେ ମଧ ଓଡିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବହୁତ ପଛରେ ରହିଛି ବୋଲି ରାଜ୍ୟ ଅର୍ଥ ବିଭାଗକୁ ଦିଆଯାଇଥିବା ସିଓ୍ୱାଇଏସଡିର ସର୍ଭେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି । ସର୍ଭେକ୍ଷଣ ରିପୋର୍ଟରୁ ଜଣାଯାଇଛି ଯେ ପ୍ରାୟ ୬୦୦୦ ପ୍ରାରମ୍ଭିକ ବିଦ୍ୟାଳୟ କେବଳ ଗୋଟିଏ ଶ୍ରେଣୀ କୋଠରୀରେ ଚାଲୁଛି । ୪୦୦୦ ପ୍ରାରମ୍ଭିକ ବିଦ୍ୟାଳୟ ଚାଲିଛି ଜଣେ ଲେଖାଏଁ ଶିକ୍ଷକରେ ଏବଂ ୪୦% ସରକାରୀ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫୦ରୁ କମ୍‌ ବିଦ୍ୟାର୍ଥୀ ପଢୁଛନ୍ତି ।

ପ୍ରାକ୍‌-ବିଦ୍ୟାଳୟ ଶିକ୍ଷାର ଅଧୋଗତି ହେବାରେ ଲାଗିଛି । ୨୯୦୬ଟି ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବିନା ଅଙ୍ଗନଓ୍ୱାଡ଼ି କର୍ମୀରେ ଚାଲିଛି । ୧୨ହଜାର ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଟିଣ ଛାତ ତଳେ ଚାଲୁଛି । ନିରାପଦ ଅଙ୍ଗନଓ୍ୱାଡ଼ି କେନ୍ଦ୍ରର କୋଠା ନିର୍ମାଣ ପାଇଁ କୌଣସି ଟାର୍ଗେଟ୍‌ ଆଧାରିତ ଯୋଜନା ନାହିଁ ।

ସର୍ବଶିକ୍ଷା ଅଭିଯାନର ୨୦୧୪-୧୫ର ପ୍ରକଳ୍ପ ଆପ୍ରାଇଜାଲ ବୋର୍ଡ଼ ବିବରଣୀ ଅନୁସାରେ ଏବେ ବି ୧୦,୦୦୦ ପ୍ରାରମ୍ଭିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ନାହିଁ ।

ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ବାଳିକାମାନଙ୍କ ଆବାସିକ ବିଦ୍ୟାଳୟ ଶିକ୍ଷା ପାଇଁ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନରେ ଆସିଥିବା ଅନୁଦାନର ୫୦ ଭାଗ ସୁଦ୍ଧା ବିନିଯୋଗ ହୋଇ ପାରି ନାହିଁ । ସେହିପରି ବିଧବା ଭତ୍ତା ଓ ୪୦% ଅକ୍ଷମତା ଥିବା ଭିନ୍ନକ୍ଷମ ମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ସ୍ୱତଃସାମିଲ ହେବା ନେଇ କୌଣସି ଯୋଗ୍ୟତା ମାପକାଠି ନାହିଁ ବୋଲି ରିପୋର୍ଟରେ କୁହାଯାଇଛି ।